# ସୁପ୍ରିମ କୋର୍ଟ ରିପୋର୍ଟସ୍ [2002] 1 S.C.R.

ପଲ୍ ଜର୍ଜ

ବନାମ

ରାଜ୍ୟ

21 ଜାନୁଆରୀ 2002

[ଆର୍.ସି. ଲାହୋଟୀ ଏବଂ ବ୍ରିଜେଶ୍ କୁମାର, ନ୍ୟାୟମୂର୍ତ୍ତିଦ୍ୱୟ]

*ଫୌଜଦାରୀ କାର୍ଯ୍ୟବିଧି ସଂହିତା, 1973 :*

*ଧାରା 397 - ପୁନରୀକ୍ଷଣ କ୍ଷେତ୍ରାଧିକାରିତା - ଏହାର ପ୍ରୟୋଗ - ପୁନରୀକ୍ଷଣର ଫଏସଲା - ସରଳ ଏବଂ କାରଣ ବିହୀନ ଆଦେଶ ମାଧ୍ୟମରେ - ଏହାର ସଠିକତା - ନିର୍ଣ୍ଣୟ କରାଗଲା : ପୁନରୀକ୍ଷଣ ଆଦେଶରେ ମାନସିକତାର ପ୍ରୟୋଗ ଏବଂ ଉପସ୍ଥାପିତ ଯୁକ୍ତିକୁ ପ୍ରତ୍ୟାଖ୍ୟାନ କରିବା କିମ୍ବା ଗ୍ରହଣ କରିବାର କାରଣ ସୂଚିତ କରିବା ଆବଶ୍ୟକ - କେବଳ ଏହି କଥାକୁ ଦୋହରାଇବା ଯେ, ଆପତ୍ତି ଅଧୀନରେ ଥିବା ରାୟରେ କୌଣସି ବେଆଇନତା, ଅନୁପଯୁକ୍ତ କିମ୍ବା ଆଧିକାରିକ ତ୍ରୁଟି ନାହିଁ, ତାହା ଏକ ମାମଲାର ନ୍ୟାୟିକ ନିଷ୍ପତ୍ତି ପାଇଁ ଯଥେଷ୍ଟ ନୁହେଁ ।*

**ଅପିଲକାରୀଙ୍କୁ ଦଣ୍ଡ ସଂହିତା, 1860 ର ଧାରା 304-A ସହିତ ପଠିତ ଧାରା 279 ଅନୁଯାୟୀ ଦୋଷୀ ସାବ୍ୟସ୍ତ କରାଯାଇଥିଲା ଏବଂ ଦଣ୍ଡିତ କରାଯାଇଥିଲା । ଦୋଷସିଦ୍ଧି ଏବଂ ଦଣ୍ଡାଦେଶ ବିରୁଦ୍ଧରେ କରାଯାଇଥିବା ଅପିଲକୁ ଖାରଜ କରିଦିଆଯାଇଥିଲା । ଉଚ୍ଚ ନ୍ୟାୟାଳୟ ଏକ କାରଣ ବିହୀନ ଆଦେଶ ମାଧ୍ୟମରେ ଫୌଜଦାରୀ କାର୍ଯ୍ୟବିଧି ସଂହିତା, 1973 ର ଧାରା 397 ଅନୁଯାୟୀ ଦାଖଲ ହୋଇଥିବା ଫୌଜଦାରୀ ପୁନରୀକ୍ଷଣକୁ ଖାରଜ କରିଦେଇଛନ୍ତି । ସେଥିପାଇଁ ଏହି ଅପିଲ କରାଯାଇଛି ।**

**ଅପିଲକୁ ଅନୁମତି ଦେଇ, ଏହି ନ୍ୟାୟାଳୟ**

**ନିର୍ଣ୍ଣୟ କଲେ : 1.1. ଯୋଗ୍ୟତା ଆଧାରରେ ଅପିଲକାରୀଙ୍କ ଦ୍ୱାରା ଉପସ୍ଥାପିତ ଆବେଦନର ପରିଣାମ ଯାହା ହେଉନା କାହିଁକି, ମାମଲାର ଫଏସଲା ଆଦେଶରେ ମାମଲା ପ୍ରତି ମାନସିକ ପ୍ରୟୋଗକୁ ସୂଚିତ କରିବା ଆବଶ୍ୟକ ଏବଂ ଏହିପରି ଆବେଦନକୁ ପ୍ରତ୍ୟାଖ୍ୟାନ କରିବା କିମ୍ବା ଗ୍ରହଣ କରିବା ପାଇଁ କିଛି କାରଣ ଧାର୍ଯ୍ୟ କରାଯିବା ଉଚିତ ।**

**1.2. କାରଣଗୁଡ଼ିକ ଯେତେ ସଂକ୍ଷିପ୍ତ ହେଉନା କାହିଁକି, କୌଣସି ବିଷୟର ଫଏସଲା କରିବା ପାଇଁ ଏକ ଆଦେଶରେ ସୂଚିତ କରିବାକୁ ହେବ, ବିଶେଷ କରି ଯେତେବେଳେ ଏପରି ଆଦେଶ ଉଚ୍ଚ ମଞ୍ଚରେ ଅପିଲ କିମ୍ବା ସମୀକ୍ଷାର ବିଷୟ ଅଟେ ।**

**1.3. ମାନସିକ ପ୍ରୟୋଗକୁ ସୂଚିତ କରିବା ପାଇଁ, ଆଦେଶରେ କିଛି କାରଣ ରହିବା ଉଚିତ, ଯାହା ଅପିଲୀୟ କିମ୍ବା ପୁନରୀକ୍ଷଣ କର୍ତ୍ତୃପକ୍ଷଙ୍କୁ ପାରିତ ଆଦେଶର ଯୋଗ୍ୟତା ଏବଂ ନିଷ୍ପତ୍ତି କିପରି ହୋଇଛି ତାହା ମୂଲ୍ୟାଙ୍କନ କରିବାରେ ମଧ୍ୟ ସାହାଯ୍ୟ କରେ ।**

*ଏସ୍.ଏନ୍. ମୁଖାର୍ଜୀ ବନାମ ଭାରତ ସଂଘ,* [1990] 4 SCC 594 ଏବଂ *ଏମ୍.ଜେ. ଶିବାନୀ ବନାମ କର୍ଣ୍ଣାଟକ ରାଜ୍ୟ,* AIR (1995) SC 1770 ଉପରେ ନିର୍ଭରଶୀଳ ।

# ପଲ୍ ଜର୍ଜ ବନାମ ରାଜ୍ୟ [ନ୍ୟାୟମୂର୍ତ୍ତି, ବ୍ରିଜେଶ୍ କୁମାର]

**2. ଏହା ସତ୍ୟ ଯେ ଏହା ନ୍ୟାୟାଳୟ ଦ୍ୱାରା ବିଚାର କରାଯାଉଥିବା ବିଷୟର ପ୍ରକୃତି ଏବଂ ପ୍ରୟୋଗ କରାଯାଉଥିବା କ୍ଷେତ୍ରାଧିକାରିତାର ପ୍ରକୃତି ଉପରେ ନିର୍ଭର କରିପାରେ ଯେ କାରଣଗୁଡିକ କିପରି ନଥିଭୁକ୍ତ କରାଯାଇପାରିବ, ଉଦାହରଣ ସ୍ୱରୂପ ନିଶ୍ଚିତକରଣ ଆଦେଶରେ ବିସ୍ତୃତ କାରଣ କିମ୍ବା ଆଲୋଚନା ଆବଶ୍ୟକ ନ ହୋଇପାରେ କିନ୍ତୁ କିଛି ସଂକ୍ଷିପ୍ତ ସଙ୍କେତ ଯାହା ଦ୍ୱାରା ଏକ ଆଦେଶକୁ ନିଶ୍ଚିତ କରିବା ପାଇଁ ମାନସିକ ପ୍ରୟୋଗ ନିଶ୍ଚିତ ଭାବରେ ଆବଶ୍ୟକ ହେବ । ବ୍ୟବସ୍ଥାଗୁଡ଼ିକରେ ବ୍ୟବହୃତ ଶବ୍ଦ କିମ୍ବା ଭାଷାକୁ ପୁନରାବୃତ୍ତି କରିବାର ପ୍ରଥା କେବଳ, ଏହା କହିବା ଯେ ଆପତ୍ତି ଅଧୀନରେ ଥିବା ରାୟରେ କୌଣସି ବେଆଇନତା, ଅନୁପଯୁକ୍ତ କିମ୍ବା ଆଧିକାରିକ ତ୍ରୁଟି ନାହିଁ, ଏପରିକି ଉତ୍ଥାପିତ  ମାମଲାର ଯୋଗ୍ୟତା କିମ୍ବା ଯୁକ୍ତିଗୁଡ଼ିକର ପ୍ରକୃତି ବିଷୟରେ ଏକ ଗୁଜବ ମଧ୍ୟ ଆଧିକାରିକ ଭାବରେ ମାମଲାର ନ୍ୟାୟିକ ନିଷ୍ପତ୍ତି ଆବଶ୍ୟକତାକୁ ପୂରଣ କରେ ନାହିଁ ।**

*ଏ.ପି. ରାଜ୍ୟ ବନାମ ରାଜାଗୋପାଲା ରାଓ,* **[2000] 10 SCC 338, ଉପରେ ନିର୍ଭରଶୀଳ ।**

ଫୌଜଦାରୀ ଅପିଲୀୟ କ୍ଷେତ୍ରାଧିକାରିତା : ଫୌଜଦାରୀ ଅପିଲ ସଂଖ୍ୟା 93/2002 ।

ଫୌଜଦାରୀ ପୁନରୀକ୍ଷଣ ସଂଖ୍ୟା 555/2001 ରେ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟଙ୍କ ତା 25.9.2001 ରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପାଇଁ ରୋମି ଚାକୋ ଏବଂ ଅନୀଲ କୁମାର ସିହ୍ନା ।

ଉତ୍ତରଦାତାଙ୍କ ପାଇଁ ଡି.ଏସ୍. ମେହେରାଙ୍କ ପାଇଁ ଅଶୋକ ଭାନ୍ ଏବଂ ଆର୍.କେ. ରାଠୋର ।

**ନ୍ୟାୟମୂର୍ତ୍ତି, ବ୍ରିଜେଶ୍ କୁମାରଙ୍କ** ଦ୍ୱାରା ନ୍ୟାୟାଳୟର ରାୟ ପ୍ରଦାନ କରାଯାଇଥିଲା ।

ଅନୁମତି ପ୍ରଦାନ କରାଗଲା ।

ପକ୍ଷମାନଙ୍କ ପାଇଁ ବିଦ୍ୱାନ ଓକିଲଙ୍କୁ ଶୁଣିଲୁ ।

ଏହା ହେଉଛି 25 ସେପ୍ଟେମ୍ବର, 2001ରେ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପାରିତ ଆଦେଶ ବିରୁଦ୍ଧରେ ଏକ ଅପିଲ, ଯେଉଁଥିରେ ଅପିଲକାରୀଙ୍କ ଦ୍ୱାରା ଆଗତ କରାଯାଇଥିବା ଫୌଜଦାରୀ ପୁନରୀକ୍ଷଣ ସଂଖ୍ୟା 555/2001 କୁ ଖାରଜ କରି ନିମ୍ନଲିଖିତ ଆଦେଶ ଦିଆଯାଇଛି :

> "ମୁଁ ଆବେଦନକାରୀଙ୍କ ତରଫରୁ ବିଦ୍ୱାନ ଓକିଲଙ୍କୁ ଶୁଣିଛି । ଆପତ୍ତି ଅଧୀନରେ ଥିବା ରାୟରେ ମୁଁ କୌଣସି ବେଆଇନତା, ଅନୁପଯୁକ୍ତ କିମ୍ବା ଆଧିକାରିକ ତ୍ରୁଟି ପାଇନାହିଁ ।
>
> ଖାରଜ କରାଯାଇଛି"

ଅପିଲକାରୀଙ୍କୁ ଧାରା 279 ସହିତ ପଠିତ ଧାରା 304A IPC ଅନୁଯାୟୀ ଦୋଷୀ ସାବ୍ୟସ୍ତ କରାଯାଇଛି ଏବଂ ଧାରା 279 ପାଇଁ 1000 ଟଙ୍କା ଜରିମାନା ଓ ଅନାଦେୟ ଦଶ ଦିନ ପାଇଁ ଅଶ୍ରମ କାରାଦଣ୍ଡ ଏବଂ ଧାରା 304Aରେ ନଅ ମାସ ପାଇଁ ଅଶ୍ରମ କାରାଦଣ୍ଡ ଏବଂ 4,000 ଟଙ୍କା ଜରିମାନା ଏବଂ ଖିଲାପ କ୍ଷେତ୍ରରେ 1 ମାସର ଅତିରିକ୍ତ ସାଧାରଣ କାରାଦଣ୍ଡରେ ଦଣ୍ଡିତ କରାଯାଇଛି । ଦୋଷସିଦ୍ଧି ଏବଂ ଦଣ୍ଡାଦେଶ ବିରୁଦ୍ଧରେ ଆଗତ ଅପିଲକୁ ଖାରଜ କରାଯାଇଥିଲା ଏବଂ ପୁନରୀକ୍ଷଣକୁ ମଧ୍ୟ ଖାରଜ କରାଯାଇଥିଲା ।

ଅପିଲକାରୀଙ୍କ ପାଇଁ ବିଦ୍ୱାନ ଓକିଲ ଦୃଢ ଭାବରେ ଅନୁରୋଧ କରିଛନ୍ତି ଯେ ଏକ କାରଣ ବିହୀନ ଆଦେଶ ମାଧ୍ୟମରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଫୌଜଦାରୀ ପୁନରୀକ୍ଷଣକୁ ଖାରଜ କରାଯାଇଛି । ଏହା ଅପିଲକାରୀଙ୍କ ଦ୍ୱାରା ଉଠାଯାଇଥିବା ଆବେଦନକୁ ପ୍ରତ୍ୟାଖ୍ୟାନ କରିବାର କୌଣସି କାରଣ ସୂଚିତ କରେ ନାହିଁ କିମ୍ବା ପୁନରୀକ୍ଷଣର ସୁଚିନ୍ତିତ ନିଷ୍ପତ୍ତି ନେବାର କୌଣସି ସଙ୍କେତ ନାହିଁ ।

ଅନ୍ୟାନ୍ୟ ବିଷୟ ମଧ୍ୟରେ ଏହା ଉପସ୍ଥାପିତ ହୋଇଛି ଯେ ଉଚ୍ଚ ନ୍ୟାୟାଳୟରେ ଉତ୍ଥାପିତ ଆବେଦନଗୁଡ଼ିକ ମଧ୍ୟରୁ ଗୋଟିଏ ଥିଲା ଯେ ସକ୍ଷମ କର୍ତ୍ତୃପକ୍ଷଙ୍କ ଅନୁମତି ଅଭାବରୁ ଅପିଲକାରୀଙ୍କ ବିରୋଧରେ ମକଦ୍ଦମା ରୁଜୁ କରିବା ଖରାପ ଥିଲା । ଏହା ଉପସ୍ଥାପିତ ହୋଇଛି ଯେ ଅପିଲକାରୀ ପୋଲିସ୍ ବିଭାଗରେ ଚାଳକ ଭାବରେ କାର୍ଯ୍ୟ କରୁଛନ୍ତି । ଘଟଣା ସମୟରେ ସେ ନିଜର ସରକାରୀ କର୍ତ୍ତବ୍ୟ ପାଳନ କରିବା ପାଇଁ ସରକାରୀ ଗାଡ଼ି ଚଳାଉଥିଲେ । ତେଣୁ ସେ କର୍ତ୍ତବ୍ୟରେ କାର୍ଯ୍ୟ କରୁଥିଲେ । ଏପରି ପରିସ୍ଥିତିରେ, ଯୁକ୍ତି ହେଉଛି, ମକଦ୍ଦମା ଆରମ୍ଭ କରିବା ପୂର୍ବରୁ ମଞ୍ଜୁରି ହାସଲ କରିବା ବାଧ୍ୟତାମୂଳକ ଥିଲା ଯାହା ଅନ୍ୟଥା ଦିଲ୍ଲୀ ପୋଲିସ୍ ଅଧିନିୟମର ଧାରା 140 ଅନୁଯାୟୀ ନିଷିଦ୍ଧ । ଏଥିରେ କୁହାଯାଇଛି ଯେ କୌଣସି ପୋଲିସ୍ ଅଧିକାରୀ କିମ୍ବା ଅନ୍ୟ ବ୍ୟକ୍ତିଙ୍କ ଦ୍ୱାରା କର୍ତ୍ତବ୍ୟରେ ଥିବା ସମୟରେ କିମ୍ବା ଏପରି କୌଣସି କର୍ତ୍ତବ୍ୟ କିମ୍ବା ଅଧିକାରର ଉଲ୍ଲଂଘନ କରାଯାଇଥିବା ଅଭିଯୋଗ ହୋଇଥିବା ଅପରାଧ କିମ୍ବା ଏହା ଉପରେ ଦର୍ଶାଯାଇଥିବା ପ୍ରକୃତିରେ କରାଯାଇଥିବା ପରି ଜଣାପଡ଼େ, ପ୍ରଶାସକଙ୍କ ପୂର୍ବ ମଞ୍ଜୁରି ବିନା ଅଭିଯୋଗ ଗ୍ରହଣ କରାଯିବ ନାହିଁ । ଏହି ମାମଲାରେ ଏହା ଯୁକ୍ତି କରାଯାଇଛି ଯେ କର୍ତ୍ତୃପକ୍ଷଙ୍କ ଦ୍ୱାରା ଏପରି ମଞ୍ଜୁରି ପ୍ରାପ୍ତ ହୋଇନାହିଁ । ଏହା ମଧ୍ୟ ଉପସ୍ଥାପନ କରାଯାଇଛି ଯେ, ଅପିଲକାରୀ ବେପରୁଆ କିମ୍ବା ଅବହେଳାପୂର୍ଣ୍ଣ ଗାଡି ଚାଳନା ଅଭିଯୋଗ କରୁଥିବା କୌଣସି ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ ନାହିଁ କିମ୍ବା ଅବହେଳାପୂର୍ଣ୍ଣ ଡ୍ରାଇଭିଂ କରାଯାଇଛି ଏବଂ ନିମ୍ନ ନ୍ୟାୟାଳୟ କେବଳ "ରେସ୍ ଇପ୍ସା ଲୋକିଟୁର୍" ଉକ୍ତି ପ୍ରୟୋଗ କରି ଅପିଲକାରୀଙ୍କ ଉପରେ ଦୋଷ ଲଦିବାରେ ଭୁଲ କରିଛନ୍ତି ।

ତଥାପି, ଆମେ ଆମ ସମ୍ମୁଖରେ ଉତ୍ଥାପିତ ଆବେଦନର ଯୋଗ୍ୟତା ଯାଞ୍ଚ କରୁନାହୁଁ । ଆମେ କେବଳ ଏହି ପ୍ରଶ୍ନ ଉପରେ ବିଚାର କରୁଛୁ ଯେ ଏହି ପୁନରୀକ୍ଷଣକୁ ସରଳ ଏବଂ କାରଣ ବିହୀନ ଆଦେଶ ମାଧ୍ୟମରେ ଫଏସଲା କରାଯିବା ଉଚିତ୍ କି । ଆମେ ଭାବୁଛୁ ଯେ ଅପିଲକାରୀଙ୍କ ଦ୍ୱାରା ଯୋଗ୍ୟତା ଆଧାରରେ ଉଠାଯାଇଥିବା ଆବେଦନର ପରିଣାମ ଯାହା ହେଉନା କାହିଁକି, ମାମଲାର ଫଏସଲା ଆଦେଶରେ ମାମଲାରେ ମନୋବୃତ୍ତି ପ୍ରୟୋଗକୁ ସୂଚିତ କରିବା ଉଚିତ ଏବଂ ଏପରି ଆବେଦନକୁ ପ୍ରତ୍ୟାଖ୍ୟାନ କିମ୍ବା ଗ୍ରହଣ କରିବା ପାଇଁ କିଛି କାରଣ ଧାର୍ଯ୍ୟ କରାଯିବା ଉଚିତ । ଏହି ରାୟର ପୂର୍ବ ଭାଗରେ ଉଦ୍ଧୃତ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପାରିତ ଆଦେଶରେ ଏହାର ସମ୍ପୂର୍ଣ୍ଣ ଅନୁପସ୍ଥିତି ଦେଖିବାକୁ ମିଳିଛି । ବାସ୍ତବରେ, ଏହି ଆଦେଶରେ ଏହା ବ୍ୟତୀତ ଆଉ କିଛି କୁହାଯାଇନାହିଁ ଯେ ନିମ୍ନ ନ୍ୟାୟାଳୟମାନଙ୍କର ରାୟରେ କୌଣସି ବେଆଦେଶତା, ଅନୁପଯୁକ୍ତ କିମ୍ବା ଆଧିକାରିକ ତ୍ରୁଟି ଦେଖିବାକୁ ମିଳିନାହିଁ । ତା 'ପରେ ହଠାତ୍ "ଖାରଜ" ଆଦେଶ ପାରିତ ହୋଇଛି । ଏହା ଉପସ୍ଥାପିତ ହୋଇଛି ଯେ ଧାରା 115 ସି.ପି.ସି. ର ବ୍ୟବସ୍ଥାଗୁଡ଼ିକୁ ଧ୍ୟାନରେ ରଖି ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ସମ୍ଭବତଃ ଏହି ପୁନରୀକ୍ଷଣର ଫଏସଲା କରାଯାଇଛି, କାରଣ ଏହି ଆଦେଶ ନିମ୍ନ ନ୍ୟାୟାଳୟମାନଙ୍କ ଦ୍ୱାରା "କୌଣସି କ୍ଷେତ୍ରାଧିକାର ତ୍ରୁଟି ହୋଇନାହିଁ" ବୋଲି ଦର୍ଶାଯାଇଛି ।

# ପଲ୍ ଜର୍ଜ ବନାମ ରାଜ୍ୟ [ନ୍ୟାୟମୂର୍ତ୍ତି, ବ୍ରିଜେଶ୍ କୁମାର]

ଏହା ଉପସ୍ଥାପିତ ହୋଇଛି ଯେ ଧାରା 397 ସି.ଆର.ପି.ସି.ର ଭାଷା ଭିନ୍ନ ଏବଂ ଏହା ଆଧିକାରିକ ତ୍ରୁଟି ବିଷୟରେ କୁହେ ନାହିଁ ଯାହା ଧାରା 115 ସି.ପି.ସି. ଅଧୀନରେ ପରିବ୍ୟାପ୍ତ । ଏହା ମଧ୍ୟ ଦର୍ଶାଯାଇଛି ଯେ ଏହି ଦୁଇଟି ବ୍ୟବସ୍ଥାର ପରିସର ଭିନ୍ନ ଅଟେ । ଧାରା 115 ସି.ପି.ସି. ଅନୁଯାୟୀ ଏହା ଅଧିକ ସଂକୀର୍ଣ୍ଣ । ଏହା ପର୍ଯ୍ୟବେକ୍ଷଣ କରିବା ପାଇଁ ଯଥେଷ୍ଟ ଯେ କ୍ଷେତ୍ରାଧିକାରିତା ପ୍ରୟୋଗରେ ତ୍ରୁଟିର ପ୍ରଶ୍ନ ବେଳେବେଳେ ଅପରାଧିକ ପୁନରୀକ୍ଷଣରେ ମଧ୍ୟ ଉତ୍ପନ୍ନ ହୋଇପାରେ । ଯାହା ହେଉନା କାହିଁକି, ଅପିଲକାରୀଙ୍କ ତରଫରୁ କରାଯାଇଥିବା ଉପସ୍ଥାପନ ଗୁଡ଼ିକୁ ଯୋଗ୍ୟତା ଆଧାରରେ ଯାଞ୍ଚ ନକରି ଅଗ୍ରାହ୍ୟ କରାଯାଇପାରିବ ନାହିଁ । ତେବେ, ଆକ୍ଷେପିତ ଆଦେଶ, ତଥ୍ୟ କିମ୍ବା ନ୍ୟାୟାଳୟ ସମ୍ମୁଖରେ ଉଠାଯାଇଥିବା ଯୁକ୍ତି ଉପରେ ବିଚାର କରିବାର କୌଣସି ସୂଚନା ନାହିଁ । ଆମେ ଉଲ୍ଲେଖ କରିବାକୁ ଚାହୁଁ ଯେ ଆମେ ବର୍ତ୍ତମାନ ପର୍ଯ୍ୟନ୍ତ ବାରମ୍ବାର ଏହିପରି ଆଦେଶର ସମ୍ମୁଖୀନ ହେଉଛୁ । ଏହା ଉପରେ ଗୁରୁତ୍ୱ ଦେବାର କୌଣସି ଆବଶ୍ୟକତା ନାହିଁ ଯେ କାରଣଗୁଡ଼ିକ, ଯେତେ ସଂକ୍ଷିପ୍ତ ହେଉନା କାହିଁକି, ସେଗୁଡ଼ିକ କୌଣସି ବିଷୟର ସମାଧାନ ଆଦେଶରେ ସୂଚିତ କରାଯିବା ଉଚିତ, ବିଶେଷ କରି ଯେତେବେଳେ ଏପରି ଆଦେଶ ଉଚ୍ଚ ମଞ୍ଚରେ ଅପିଲ କିମ୍ବା ସମୀକ୍ଷାର ବିଷୟ ଅଟେ । ଏହି ନ୍ୟାୟାଳୟର ଅନେକ ନିଷ୍ପତ୍ତିରେ, କୌଣସି ସନ୍ଦେହ ନାହିଁ ଯେ ସେହି ମାମଲାଗୁଡ଼ିକରେ ପ୍ରଶାସନିକ କିମ୍ବା ନ୍ୟାୟିକ କଳ୍ପ କ୍ଷମତା ପ୍ରୟୋଗ କରି ପାରିତ ଆଦେଶଗୁଡ଼ିକ ସହିତ କାର୍ଯ୍ୟ କରିବା ସମୟରେ, ଏହା କୁହାଯାଇଛି ଯେ ମନର ପ୍ରୟୋଗକୁ ସୂଚାଇବା ପାଇଁ, ଆଦେଶରେ କିଛି କାରଣ ରହିବା ଉଚିତ୍ ଯାହା ମଧ୍ୟ ଅପିଲୀୟ କିମ୍ବା ପୁନରୀକ୍ଷଣ କର୍ତ୍ତୃପକ୍ଷଙ୍କୁ ପାରିତ ହୋଇଥିବା ଆଦେଶର ଯଥାର୍ଥତା ଏବଂ ନିଷ୍ପତ୍ତି କିପରି ନିଆଯାଇଛି ତାହା ଆକଳନ କରିବାରେ ସାହାଯ୍ୟ କରେ ।

ଅପିଲକାରୀଙ୍କ ପାଇଁ ବିଦ୍ୱାନ ଓକିଲ [2000] 10 SCC 338, *ଆନ୍ଧ୍ର ପ୍ରଦେଶ ରାଜ୍ୟ ବନାମ ରାଜାଗୋପାଲା ରାଓ* ମାମଲାରେ ବିବୃତ ହୋଇଥିବା ଏକ ମାମଲା ପ୍ରତି ଆମର ଦୃଷ୍ଟି ଆକର୍ଷଣ କରିଛନ୍ତି, ଯେଉଁଥିରେ ଏହି ନ୍ୟାୟାଳୟ ନିଜର ପୁନରୀକ୍ଷଣ କ୍ଷେତ୍ରାଧିକାରିତା ପ୍ରୟୋଗ କରି ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପାରିତ ଆଦେଶକୁ ଏହି ଆଧାରରେ ବାତିଲ କରିଦେଇଛନ୍ତି ଯେ ଏହା କରଣ ବିହୀନ ବିଷୟ ଥିଲା । ଏକ କାରଣ ଥିବା ଆଦେଶ ମାଧ୍ୟମରେ ଏହାର ସମାଧାନ ପାଇଁ ନୂତନ ଭାବରେ ବିଚାର କରିବା ପାଇଁ ଏହି ମାମଲାକୁ ଉଚ୍ଚ ନ୍ୟାୟାଳୟକୁ ପଠାଯାଇଥିଲା । ଯଦିଓ ଉକ୍ତ ମାମଲାରେ ତଥ୍ୟଗୁଡ଼ିକ ଟିକେ ଭିନ୍ନ ଥିଲା, କାରଣ ଏହା ଦୁଇଟି ନିମ୍ନ ନ୍ୟାୟାଳୟର ନିଷ୍ପତ୍ତିକୁ ବଦଳାଇ ପୁନରୀକ୍ଷଣରେ ନଥିଭୁକ୍ତ ହୋଇଥିବା ଦୋଷମୁକ୍ତିର ଆଦେଶ ଥିଲା । ମହାରାଷ୍ଟ୍ର ରାଜ୍ୟ ବୋର୍ଡ (ଉପରୋକ୍ତ) ମାମଲାରେ ନିମ୍ନଲିଖିତ ପର୍ଯ୍ୟବେକ୍ଷଣ କରାଯାଇଥିଲା :

> "କାରଣଗୁଡ଼ିକର ନଥିଭୁକ୍ତ ମଧ୍ୟ ଏକ ଆଶ୍ୱାସନା ଯେ ସଂପୃକ୍ତ କର୍ତ୍ତୃପକ୍ଷ ସଚେତନତାର ସହିତ ନଥିରେ ଥିବା ତଥ୍ୟ ଉପରେ ନିଜର ଚିନ୍ତାଧାରା ପ୍ରୟୋଗ କରିଛନ୍ତି । ଏହା ଅନୁଚ୍ଛେଦ 226 ଅନୁଯାୟୀ ଉଚ୍ଚ ନ୍ୟାୟାଳୟର ଅପିଲୀୟ କିମ୍ବା ପୁନରୀକ୍ଷଣ କର୍ତ୍ତୃପକ୍ଷ କିମ୍ବା ପର୍ଯ୍ୟବେକ୍ଷକ କ୍ଷେତ୍ରାଧିକାରିତା କିମ୍ବା ଅନୁଚ୍ଛେଦ 136 ଅନୁଯାୟୀ ଏହି ନ୍ୟାୟାଳୟର ଅପିଲୀୟ କ୍ଷେତ୍ରାଧିକାରିତାକୁ ଏହା ଦେଖିବାକୁ ମଧ୍ୟ ସାହାଯ୍ୟ କରେ ଯେ ସମ୍ପୃକ୍ତ କର୍ତ୍ତୃପକ୍ଷ ପୀଡ଼ିତ ବ୍ୟକ୍ତିଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ ନିରପେକ୍ଷ ଏବଂ ନ୍ୟାୟସଙ୍ଗତ ଭାବରେ କାର୍ଯ୍ୟ କରିଛନ୍ତି କି ନାହିଁ ।"

ଏହା ସତ୍ୟ ଯେ ଏହା ନ୍ୟାୟାଳୟ ଦ୍ୱାରା ବିଚାର କରାଯାଉଥିବା ବିଷୟର ପ୍ରକୃତି ଏବଂ ପ୍ରୟୋଗ କରାଯାଉଥିବା କ୍ଷେତ୍ରାଧିକାରିତାର ପ୍ରକୃତି ଉପରେ ନିର୍ଭର କରିପାରେ ଯେ କାରଣଗୁଡିକ କିପରି ନଥିଭୁକ୍ତ କରାଯାଇପାରିବ ଉଦାହରଣ ସ୍ୱରୂପ, କୌଣସି ଆଦେଶରେ ସ୍ପଷ୍ଟୀକରଣ ପାଇଁ ବିସ୍ତୃତ କାରଣ କିମ୍ବା ଆଲୋଚନା



1. ଏସ୍.ଏନ୍. ମୁଖାର୍ଜୀ ବନାମ ଭରାତ ସଂଘ [1990] 4 SCC; 2. ମହାରାଷ୍ଟ୍ର ରାଜ୍ୟ ଏସ. ଏବଂ ଏଚ୍.ଏସ. ଶିକ୍ଷା ବୋର୍ଡ ବନାମ କେ.ଏସ. ଗାନ୍ଧି ; 3. ଏମ. ଜେ. ଶିବାନୀ ବନାମ କର୍ଣ୍ଣାଟକ ରାଜ୍ୟ, AIR (199) 5 SC 1770.

ଆବଶ୍ୟକ ହୋଇନପାରେ କିନ୍ତୁ କିଛି ସଂକ୍ଷିପ୍ତ ସୂଚକ ଯାହା ଦ୍ୱାରା ଏକ ଆଦେଶକୁ ସ୍ପଷ୍ଟୀକରଣ କରିବା ପାଇଁ ମାନସିକ ଚିନ୍ତାଧାରାର ପ୍ରୟୋଗ ନିଶ୍ଚିତ ଭାବରେ ଆବଶ୍ୟକ ହେବ । କେବଳ ବ୍ୟବସ୍ଥାଗୁଡ଼ିକରେ ବ୍ୟବହୃତ ଶବ୍ଦ କିମ୍ବା ଭାଷାକୁ ପୁନରାବୃତ୍ତି କରିବାର ଅର୍ଥ ଏହା ଯେ ଆପତ୍ତି ଅଧୀନରେ ଥିବା ରାୟରେ କୌଣସି ବେଆଇନତା, ଅନୁପଯୁକ୍ତ କିମ୍ବା ଆଧିକାରିକ ତ୍ରୁଟି ନଥାଇ ମଧ୍ୟ ମାମଲାର ଯଥାର୍ଥତା କିମ୍ବା ଉତ୍ଥାପିତ ଯୁକ୍ତିର ପ୍ରକୃତିର ଏକ ଗୁଜବ ମଧ୍ୟ ଏକ ମାମଲାର ନ୍ୟାୟିକ ନିଷ୍ପତ୍ତିର ଆବଶ୍ୟକତାକୁ ପୂରଣ କରେ ନାହିଁ ।

ଆମ ମତରେ ଉପରୋକ୍ତ ଆଲୋଚନାକୁ ଦୃଷ୍ଟିରେ ରଖି ଏହା ଏପରି ଏକ ବିଷୟ ଯେଉଁଥିରେ ଉଚ୍ଚ ନ୍ୟାୟାଳୟ ଏହି ବିଷୟକୁ ନୂତନ ଭାବରେ ବିଚାର କରିପାରିବେ ଏବଂ ଆଇନ ଅନୁଯାୟୀ ଏକ ଉପଯୁକ୍ତ ଆଦେଶ ପାରିତ କରିପାରିବେ । ଆମେ ଏହା ସ୍ପଷ୍ଟ କରିବାକୁ ଚାହୁଁ ଯେ ଅପିଲକାରୀଙ୍କ ଦ୍ୱାରା ଉତ୍ଥାପିତ ଯୁକ୍ତିର ଯୋଗ୍ୟତା ଉପରେ ଆମେ କୌଣସି ମତ ପ୍ରକାଶ କରିଛୁ ବୋଲି ଧରାଯାଇପାରିବ ନାହିଁ ଏବଂ ଏହି ମାମଲାରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଏହି ରାୟରେ ଯୋଗ୍ୟତା ଉପରେ ଦିଆଯାଇଥିବା କୌଣସି ପର୍ଯ୍ୟବେକ୍ଷଣ, ଯଦି କିଛି ଥାଏ, ତାହାକୁ ବିଚାରକୁ ନନେଇ ନିଷ୍ପତ୍ତି ନିଆଯିବ ।

ଫଳସ୍ୱରୂପ, ଅପିଲକୁ ଅନୁମତି ଦିଆଯାଇଛି । ଫୌଜଦାରୀ ପୁନରୀକ୍ଷଣ ସଂଖ୍ୟା 555/2001 ରେ ତା 25.9.2001 ରିଖରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପାରିତ ହୋଇଥିବା ଆକ୍ଷେପିତ ଆଦେଶକୁ ବାତିଲ କରାଯାଇଛି । ନୂତନ ଭାବେ ଏହାର ତ୍ୱରିତ ସମାଧାନ ପାଇଁ ଏହି ମାମଲାକୁ ଉଚ୍ଚ ନ୍ୟାୟାଳୟକୁ ପଠାଯାଇଛି ।

ଏହା ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି ଯେ ଅପିଲକାରୀଙ୍କୁ ଉଚ୍ଚ ନ୍ୟାୟାଳୟରେ ପୁନରୀକ୍ଷଣର ବିଚାରଧୀନତା ଏବଂ ସମାଧାନ ସମୟରେ ତୁରନ୍ତ ଜାମିନରେ ମୁକ୍ତ କରାଯିବ, ସେହି ନିବନ୍ଧନ ଓ ସର୍ତ୍ତାବଳୀ ଉପରେ ଯାହା ଉପରେ ସେ ପୂର୍ବରୁ ଉଚ୍ଚ ନ୍ୟାୟାଳୟ ଦ୍ୱାରା ପୁନରୀକ୍ଷଣ ସମାଧାନ ନହେବା ପର୍ଯ୍ୟନ୍ତ ଜାମିନରେ ଥିଲେ ।

ଭି.ଏସ୍.ଏସ୍. ଅପିଲକୁ ଅନୁମତି ଦିଆଗଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

*<u>ଭାଷାନ୍ତର :</u>*
ରଶ୍ମିତା ମୁର୍ମୁ ,
ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ , କଟକ ।